ହରିୟାଣା ରାଜ୍ୟ ଏବଂ ଅନ୍ୟଜଣେ

ବନାମ

ଜୟପାଲ ସିଂହ ଓ ଅନ୍ୟମାନେ

ଅଗଷ୍ଟ 14, 1996

[କେ. ରାମସ୍ଵାମୀ ଏବଂ ଏସ୍.ବି. ମଜମୁଦାର, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:ଧାରା 4 & 23 ।*

*ଜମି ଅଧିଗ୍ରହଣ - ଅଧିସୂଚନା - ଅଧିସୂଚନା ଆଧାରକୁ ଆପତ୍ତି - ଯେଉଁ ଜମି ଉପରେ କୋଠା ନିର୍ମାଣ କରାଯାଇଛି, ତାହାକୁ ଅଧିଗ୍ରହଣରୁ ବାଦ୍ ଦେବା ପାଇଁ ନୀତିଗତ ନିର୍ଣ୍ଣୟ ନିଆଯାଇଥିଲା - ଜମି ମାଲିକମାନେ ଦାବି କରନ୍ତି ଯେ ଅଧିସୂଚନା ପୂର୍ବରୁ ସେମାନେ ଦୋକାନ ନିର୍ମାଣ କରିସାରିଛନ୍ତି -ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅଧିସୂଚନା ଖାରଜ- ଅପିଲ୍ -ସେଠାରେ କୌଣସି ସାଧାରଣ ନୀତି ନାହିଁ ଯେ ଯେଉଁ ସମସ୍ତ ଜମି ଉପରେ ନିର୍ମାଣ ହୋଇଛି ତାହା ଅଧିଗ୍ରହଣରୁ ବାଦ୍ ପଡ଼ିବ -କିନ୍ତୁ ସ୍ୱୀକାର କରାଗଲା ଯେ ସରକାର ଶର୍ଜା ଯୋଜନାରେ ଅବସ୍ଥିତ କେତେକ ଜମି ଅଧିଗ୍ରହଣରୁ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି -ଜମି ମାଲିକଙ୍କ ଜମି ଚିହ୍ନଟ ପାଇଁ ନଥିରେ କୌଣସି ଗୁରୁତ୍ୱପୂର୍ଣ୍ଣ ଉପାଦାନ ନାହିଁ -ଜମି ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ - ନିର୍ଣ୍ଣୟ ହେଲା, ଯଦି ଜମିଗୁଡ଼ିକ ଛାଡ଼ି ଦିଆଯାଇଥିବା ଅଞ୍ଚଳରେ ଅବସ୍ଥିତ, ତେବେ ସେଗୁଡ଼ିକ ଅଧିଗ୍ରହଣରୁ ମୁକ୍ତ ହେବେ - ଯଦି ସେମାନଙ୍କ ଜମି ଛାଡ ହୋଇଥିବା ଅଞ୍ଚଳ ବାହାରେ ଥାଏ, ତେବେ ଧାରା 4 (1) ଅନୁଯାୟୀ ଅଧିସୂଚନା ପୂର୍ବରୁ ଦୋକାନ ନିର୍ମାଣ କରାଯାଇଥିଲା କି ନାହିଁ ତାହା ତଦନ୍ତ କରାଯିବା ଉଚିତ - ଯଦି ଏହା ହୁଏ, ତେବେ ସେମାନେ ଧାରା 23 (1) ଅନୁଯାୟୀ କ୍ଷତିପୂରଣ ପାଇବାକୁ ହକ୍‌ଦାର ହେବେ, ଅନ୍ୟଥା ସେମାନେ କ୍ଷତିପୂରଣ ପାଇବାକୁ ହକ୍‌ଦାର ହେବେ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା :ଦେୱାନୀ ଅପିଲ ସଂଖ୍ୟା 11052 of 1996 ।

C.W.P. ସଂଖ୍ୟା 6804/1991 ରେ ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 11.2.92 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ପ୍ରେମ ମାଲହୋତ୍ରା ।

ପ୍ରତ୍ତ୍ତରଦାତାଙ୍କ ପାଇଁ ଡି.ଏସ୍. ତେୱାତିଆ, ରଣବୀର ଯାଦବ ଏବଂ ଶ୍ରୀମତୀ ମଧୁ ତେୱାତିଆ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା : ବିଳମ୍ବକୁ କ୍ଷମା କରାଗଲା ।

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଓକିଲଙ୍କୁ ଶୁଣିଛୁ ।

ଜମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 4 (1) (ସଂକ୍ଷେପରେ, 'ଅଧିନିୟମ') ଅନୁଯାୟୀ 1990 ମସିହା ଜାନୁଆରୀ 23 ରେ ରେୱାଡ଼ି ଜିଲ୍ଲାର ଦାରୁହେରା ଏବଂ ମାଲପୁରା ଗ୍ରାମର ସେକ୍ଟର 4 A ଏବଂ 6 ରେ ସହରୀକରଣ ଏବଂ ବାଣିଜ୍ୟିକ ଉଦ୍ଦେଶ୍ୟ ପାଇଁ ଜମିର ଏକ ବଡ଼ ପରିମାଣ ଅଧିଗ୍ରହଣ କରିବା ପାଇଁ ଅଧିସୂଚନା ପ୍ରକାଶିତ ହୋଇଥିଲା । ଉତ୍ତରଦାତାମାନେ ଦୁଇଟି କାରଣ ଦର୍ଶାଇ ଉଚ୍ଚ ନ୍ୟାୟାଳୟରେ ଅଧିସୂଚନାର ବୈଧତାକୁ ଆପତ୍ତି କରିଥିଲେ । ପ୍ରଥମତଃ, ସରକାରଙ୍କର ଏକ ନୀତି ଥିଲା ଯେ ଯେଉଁ ଜମିରେ କୋଠା ନିର୍ମାଣ କରାଯାଇଛି ତାହାକୁ ଅଧିଗ୍ରହଣରୁ ବାଦ୍ ଦିଆଯିବ ଏବଂ ଦ୍ୱିତୀୟତଃ, ଧାରା 4 (1) ଅନୁଯାୟୀ ଅଧିସୂଚନା ପ୍ରକାଶ ପାଇବା ପୂର୍ବରୁ ଉତ୍ତରଦାତାମାନେ ଦୋକାନ ନିର୍ମାଣ କରିଥିଲେ ଏବଂ ସେଥିପାଇଁ ସେମାନଙ୍କ ଜମି ଅଧିସୂଚନାରୁ ବାଦ୍ ପଡ଼ିବା ଯୋଗ୍ୟ ଅଟେ । 1992 ଫେବୃଆରୀ 11 ତାରିଖରେ ଆଜ୍ଞାଦେଶ ଆବେଦନ ସଂଖ୍ୟା 6804/91 ରେ ଦିଆଯାଇଥିବା ଆକ୍ଷେପିତ ଆଦେଶରେ ଉଚ୍ଚ ନ୍ୟାୟାଳୟ ଏକ ସିଦ୍ଧାନ୍ତ ନଥିଭୁକ୍ତ କରିଥିଲେ ଯେ ଅଧିସୂଚନା ଜାରି ହେବା ପୂର୍ବରୁ ଉତ୍ତରଦାତାମାନେ ଦୋକାନ ନିର୍ମାଣ କରିଥିଲେ ।କୋଠାବାଡ଼ି ନିର୍ମିତ ଅଞ୍ଚଳଗୁଡ଼ିକୁ ଅଧିଗ୍ରହଣରୁ ବାଦ୍ ଦେବା ପାଇଁ ସାଧାରଣ ନୀତି ଥିଲା । ତେଣୁ, ସେମାନଙ୍କୁ ବାଦ୍ ଦିଆଯାଇପାରେ ବୋଲି ନିର୍ଣ୍ଣୟ କରାଯାଇଥିଲା । ଏହି ଅଧିସୂଚନାକୁ ରଦ୍ଦ କରାଯାଇଥିଲା ।

ଆମେ ବାରମ୍ବାର ଅନେକ ରାୟରେ କହିଛୁ ଯେ ଏପରି କୌଣସି ସାଧାରଣ ନୀତି ନାହିଁ ଯେଉଁଥିରେ ନିର୍ମାଣ କରାଯାଇଥିବା ସମସ୍ତ ଜମିକୁ ଅଧିଗ୍ରହଣରୁ ବାଦ୍ ଦେବା ଆବଶ୍ୟକ । କିନ୍ତୁ ସମଗ୍ର ଓକିଲ ସଂଘରେ ଏହା ସ୍ୱୀକାର କରାଯାଇଥିଲା ଯେ ସେହି A.B.C.D. ଜମି ଅଧିଗ୍ରହଣ ନକରିବା ପାଇଁ ନିର୍ଣ୍ଣୟ ନିଆଯାଇଥିଲା । ଉତ୍ତରଦାତାମାନେ ସହରାଞ୍ଚଳ ସମ୍ପତ୍ତି ବିଭାଗର ନିର୍ଦ୍ଦେଶକଙ୍କ କାର୍ଯ୍ୟଧାରାକୁ ବିବରଣୀରେ ରଖିଥିଲେ । 1992 ଫେବୃଆରୀ 12 ତାରିଖର ଚିଠିରେ, ହରିୟାଣା, ଯେଉଁଥିରେ କୁହାଯାଇଥିଲା ଯେ ସରକାର ଜମି ଅଧିଗ୍ରହଣ ଅଧିକାରୀଙ୍କ ନିକଟକୁ

ପଠାଯାଇଥିବା ଶର୍ଜା ଯୋଜନାରେ A.B.C.D. ଚିହ୍ନିତ ରେଖାର ପଶ୍ଚିମରେ ଥିବା ଜମିକୁ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେହି ଅନୁଯାୟୀ, ଜମି ଅଧିଗ୍ରହଣ ଅଧିକାରୀଙ୍କୁ ସେହି ଅଞ୍ଚଳ ମଧ୍ୟରେ ଥିବା ସେହି ଜମିଗୁଡ଼ିକୁ ହଟାଇବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ସେ ସମ୍ପର୍କରେ ଏକ ବିସ୍ତୃତ ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଯେତେବେଳେ ଆମେ ଜମିଗୁଡ଼ିକର ଅବସ୍ଥିତି ସ୍ଥିର କରିବା ପରେ ଉକ୍ତ ଜମିଗୁଡ଼ିକ ଶଜରା ଯୋଜନାରେ ଚିହ୍ନିତ ହୋଇଥିବା A.B.C.D. ଧାଡ଼ି ମଧ୍ୟରେ ଅବସ୍ଥିତ କି ନାହିଁ ତାହା ଦର୍ଶାଇବା ପାଇଁ ଉତ୍ତରଦାତାଙ୍କ ଓକିଲଙ୍କୁ ପଚାରିଥିଲୁ, ସେତେବେଳେ ବିଜ୍ଞ ଓକିଲ ଜମିର ପରିଚୟ ଏବଂ ଅବସ୍ଥିତି ବିଷୟରେ ଆମ ସମ୍ମୁଖରେ ଉପସ୍ଥାପନ କରିବାକୁ କଷ୍ଟରେ ଚେଷ୍ଟା କରିଥିଲେ । କିନ୍ତୁ ନଥିରେ ଥିବା ସ୍ୱଳ୍ପ ଉପାଦାନ ଆଧାରରେ, ଆମେ ଭାବୁଛୁ ଯେ ଉପରୋକ୍ତ ସୀମା-ନିର୍ଦ୍ଧାରିତ ଶଜରା ଯୋଜନା ମଧ୍ୟରେ ଜମିଗୁଡ଼ିକ ବିଦ୍ୟମାନ ଅଛି କି ନାହିଁ ତାହା ସିଦ୍ଧାନ୍ତ କରିବା ଆମ ପାଇଁ ବିପଜ୍ଜନକ ହେବ । ଉପଯୁକ୍ତ ପନ୍ଥା ହେବ ଯେ ଆଜିଠାରୁ 4 ସପ୍ତାହ ମଧ୍ୟରେ ଉକ୍ତ ଉତ୍ତରଦାତାମାନେ ସ୍ଥାନର ବିବରଣୀ ଦେଇ ହରିୟାଣା ସରକାରଙ୍କ ସଚିବ, ସହରାଞ୍ଚଳ ସମ୍ପତ୍ତି ବିଭାଗ, ହରିୟାଣା ଦେୱାନୀ ସଚିବାଳୟ, ଚଣ୍ଡିଗଡ଼ଙ୍କ ନିକଟରେ ଆବେଦନ କରିବେ, ଯେଉଁଠାରେ ଜମିଗୁଡ଼ିକ ବାସ୍ତବରେ ରହିଛି । ସଚିବ, ଉତ୍ତରଦାତାଙ୍କ ସମ୍ପୃକ୍ତ ଜମିର ଅବସ୍ଥିତିକୁ ସ୍ଥାନୀୟକରଣ ଏବଂ ଚିହ୍ନଟ କରିବା ପାଇଁ ସହରାଞ୍ଚଳ ସମ୍ପତ୍ତି ବିଭାଗ କିମ୍ବା ଜମି ଅଧିଗ୍ରହଣ ଅଧିକାରୀ, କିମ୍ବା କୌଣସି ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ଯଥାସ୍ଥିତି,ଏକ ତଦନ୍ତ କରିବେ । ଯଦି ପ୍ରକୃତରେ ଏହି ଜମିଗୁଡ଼ିକ ଶଜରା ଯୋଜନାର A.B.C.D. ରେଖାର ପଶ୍ଚିମ ଦିଗରେ ଅବସ୍ଥିତ, ଯେପରି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ତେବେ ସ୍ପଷ୍ଟ ହେବ ଯେ ସରକାରଙ୍କ ନିର୍ଣ୍ଣୟକୁ ଦୃଷ୍ଟିରେ ରଖି ଜମିଗୁଡ଼ିକୁ ଅଧିଗ୍ରହଣରୁ ମୁକ୍ତ କରିବା ଆବଶ୍ୟକ ।

ଯଦି ସଚିବ ଜାଣିବାକୁ ପାଆନ୍ତି ଯେ ଜମିଗୁଡ଼ିକ ଶଜରା ଯୋଜନାର A.B.C.D. ରେଖା ବାହାରେ ଅବସ୍ଥିତ, ତେବେ ଏହି 14 ଟି ଦୋକାନ ଉତ୍ତରଦାତାଙ୍କ ଦ୍ୱାରା କେବେ ନିର୍ମାଣ କରାଯାଇଥିଲା ସେ ବିଷୟରେ ଏକ ତଦନ୍ତ କରାଯିବା ଆବଶ୍ୟକ । ଯଦି ଦୋକାନଗୁଡ଼ିକ ଧାରା 4 (1) ଅନୁଯାୟୀ ଆକ୍ଷେପିତ ଅଧିସୂଚନା ପ୍ରକାଶ ପାଇବା ପୂର୍ବରୁ ନିର୍ମାଣ କରାଯାଇଥାଏ, ତେବେ ଧାରା 23 ର ଉପଧାରା (1) ର ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ନିର୍ଦ୍ଧାରଣ କରିବା ଆବଶ୍ୟକ । ଯଦି ଧାରା 4 (1) ଅନୁଯାୟୀ ଅଧିସୂଚନା ପରେ ନିର୍ମାଣ କରାଯାଏ, ତେବେ ସେମାନେ କୌଣସି କ୍ଷତିପୂରଣ ଦାବି କରିପାରିବେ ନାହିଁ ।

ପ୍ରଥମ ଅପିଲକାରୀଙ୍କୁ ତା'ପରେ ଦୁଇ ମାସ ମଧ୍ୟରେ ସେହି ମାମଲାର ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉତ୍ତରଦାତାମାନେ ସମସ୍ତ ଦସ୍ତାବିଜକୁ ବିଚାର ପାଇଁ ପ୍ରଥମ ଅପିଲକାରୀ ସମ୍ମୁଖରେ ରଖିବାକୁ ମୁକ୍ତ ଅଟନ୍ତି ।

ସେହି ଅନୁଯାୟୀ, ଉପରୋକ୍ତ ସଂଶୋଧନ ଏବଂ ନିର୍ଦ୍ଦେଶ ସହିତ ଅପିଲଟିକୁ ଖାରଜ କରାଯାଇଛି, କିନ୍ତୁ ଏହି ପରିସ୍ଥିତିରେ ବିନା ଖର୍ଚ୍ଚରେ ।

ଟି.ଏନ୍.ଏ

ଅପିଲର ଫଇସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ଅନୁବାଦିକା : କ୍ରିଷ୍ଣା ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।